ସକାଳ THE SAKALA



www.sakalaepaper.com

## କାର୍-ହାଇୱା ମୁହାଁମୁହିଁ ଧକ୍କା

# ଦୁଇ ମୃତ, ଜଣେ ଗୁରୁତର

**ନରସିଂହପୁର, ୧୯।୬ (ସମିସ):** କଟକ-ନରସିଂହପୁର ମୁଖ୍ୟରାସ୍ତାର କମଳାଦେଇପୁର ପୋଖରୀ ନିକଟରେ ଶୁକ୍ରବାର ଏକ କାର ଓ ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହୋଵାରୁ ଦୁଇଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ମୃତ ବ୍ୟକ୍ତିଦ୍ୱୟ ହେଉଛନ୍ତି କାର ଚାଳକ ଯାଜପୁର ଜିଲ୍ଲା ପଟିକଟା ଗ୍ରାମର ଆଲୋକ କୁମାର କର (୨୦) ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ସୁକାନ୍ତ ନନ୍ଦ (୩୮)। ଆଲୋକ କାର ଭିତରେ ଚାପି ହୋଇ ରହିଥିବାରୁ ନରସିଂହପୁର ଅଗ୍ନିଶମ ବାହିନୀ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁକାନ୍ତଙ୍କୁ ପରେ ବଡ଼ ମେଡିକାଲରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଦୁର୍ଘଟଣାରେ ଆଉ ଜଣେ କେନ୍ଦ୍ରାପଡ଼ା ଜିଲ୍ଲାର ଶାନ୍ତନୁ ଜିନ୍ଦା (୩୫) ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁସାରେ, ଭୁବନେଶ୍ୱରରୁ ତିନୋଟି କାର ଆଗ ପଛ ହୋଇ ନରସିଂହପୁର ନିଜିଗଡ ଗ୍ରାମରେ ଏକ ବ୍ରତଘର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସୁଥିଲେ। ଗୋଟିଏ କାର ମୁଖ୍ୟରାସ୍ତାର କମଳାଦେଇପୁରସ୍ଥିତ ପୋଖରୀ ନିକଟରେ ହାଇୱା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ହାଇୱା ଚାଳକ ଦୁର୍ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ମୁଖ୍ୟରାସ୍ତାର ଦୁଇ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା ବେଳେ ନରସିଂହପୁର ପୁଲିସ ଗହଳିକୁ ନିୟନ୍ତ୍ରଣ କରିଥିଲା। ନରସିଂହପୁର ଥାନାଧିକାରୀ ତପନ ପତି ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରିବା ସହିତ ଏହି ଘଟଣାକୁ ନେଇ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଶନିବାର ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

## କଟକରେ ଉନ୍ନୟନ ଯୋଜନାର କାର୍ଯ୍ୟାନ୍ୱୟନର ସମୀକ୍ଷା

# ପ୍ରକଳ୍ପର ଅଗ୍ରଗତି ଉପରେ ଅର୍ଥ ସଚିବଙ୍କ ଗୁରୁତ୍ୱାରୋପ

**କଟକ,୧୯।୬(ସମିସ)**



ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି, ସରକାରଙ୍କ ପ୍ରମୁଖ ଯୋଜନାଗୁଡିକର କାର୍ଯ୍ୟାନ୍ୱୟନ ଏବଂ ଜନସେବାମୂଳକ କାର୍ଯ୍ୟକ୍ରମର ସ୍ଥିତି ସମ୍ପର୍କରେ ଆଜି ଅର୍ଥ ବିଭାଗର ପ୍ରମୁଖ ସଚିବ ତଥା କଟକ ଜିଲ୍ଲାର ନୋଡାଲ ସଚିବ ସଞ୍ଜୀବ କୁମାର ମିଶ୍ର ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ କ୍ୟାମ୍ପସ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା କରାଯାଇଥିଲା। ଦୂରଦୁରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସହାୟକଙ୍କ ସୁବିଧା ପାଇଁ ଆଶ୍ରୟ ଗୃହ ନିର୍ମାଣ ଉପରେ ନୋଡାଲ ସଚିବ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ସନ୍ତୋଷ ପ୍ରକାଶ କରି ଶ୍ରୀ ମିଶ୍ର ସମସ୍ତ ବିଭାଗକୁ କାର୍ଯ୍ୟର ଗତି ବୃଦ୍ଧି କରିବା ସହ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡିକ ସମାପ୍ତ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଏସପି ବିନୀତ ଅଗ୍ରୱାଲ, କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋତା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କଟକ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କଟକ ମହାନଗର ନିଗମ ଅଧୀନରେ ଚାଲିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଯଥା ଅଡିଟୋରିୟମ ନିର୍ମାଣ, ବିଶ୍ୱନାଥ ପଣ୍ଡିତ ପାଠାଗାରର କାର୍ଯ୍ୟ, ବିଭିନ୍ନ ୱାର୍ଡରେ ଜଳ ନିଷ୍କାସନ ସମସ୍ୟାର ସମାଧାନ, ଫୁଡ୍ କୋର୍ଟ ନିର୍ମାଣ ଆଦି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଶ୍ରୀ ମିଶ୍ର ଅବଗତ ହୋଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଡିସିପି ଶ୍ରୀ ଖିଲାରୀ ଋଷିକେଶ ଦ୍ୟାନଦେଓ ସମୀକ୍ଷା କରିଥିଲେ। ଶ୍ରୀ ମିଶ୍ର ପୂର୍ବାହ୍ନରେ ଜିଲ୍ଲାର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର, ଶିଶୁଯତ୍ନ ଅନୁଷ୍ଠାନ, ଅକ୍ଷୟ ପାତ୍ର ଫାଉଣ୍ଡେସନ ଓ ତାରକସୀ ହବ୍ ପରିଦର୍ଶନ କରି ସେଠାରେ ଚାଲିଥିବା କାର୍ଯ୍ୟକ୍ରମ ଓ ସେବା ସମ୍ପର୍କରେ ଅବଗତ ହୋଇଥିଲେ।

## ସୋମବାର ତିଗିରିଆରେ ଜିଲ୍ଲାପାଳଙ୍କ ଯୁଗ୍ମ ଶୁଣାଣି

**କଟକ,୧୯।୬(ସମିସ):** ଜୁନ୨୨ତାରିଖସୋମବାର ତିଗିରିଆ ବ୍ଲକ୍ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସକାଳ ୧୦ଟା ସମୟରେ ଆରମ୍ଭ ହୋଇ ଅପରାହ୍ନ ୧ ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ନିଜ ଅଭିଯୋଗଗୁଡିକ ପଞ୍ଜୀକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବେ। ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସ୍ତରରେ ଜନଅଭିଯୋଗ ଶୁଣାଣିଗୁଡିକ ମଧ୍ୟ ସକାଳ ୧୦ରୁ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ୪୩ ଜଣଙ୍କୁ ଜମି ପଟ୍ଟା ବଣ୍ଟନ

ଆଠଗଡ଼, ୧୯।୬ (ସମିସ): ଶୁକ୍ରବାର ଆଠଗଡ ବ୍ଲକ କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରଥମ ଦିବସର ଜାତି-ଜନଜାତି ସମ୍ବାଦ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ଅବସରରେ ୪୩ ଜଣ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ତହସିଲ ପ୍ରଶାସନ ପକ୍ଷରୁ ଭୂମିହୀନ ପରିବାରଙ୍କୁ ଜମି ପ୍ରଦାନ, ସରକାରୀ ଯୋଜନାର ସୁଫଳ ଏବଂ ବିକାଶ ପ୍ରକଳ୍ପଗୁଡ଼ିକ ସଫଳତାର ସହ କାର୍ଯ୍ୟାନ୍ୱୟନ ସମ୍ପର୍କରେ ସୂଚନା ଦେଇଥିଲେ। ଆଠଗଡ ବିଡିଓ ଆକାଶ କୁମାର ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୁମାରୀ ଶାଶ୍ୱତୀ ପାଢ଼ୀ, ଏବିଡିଓ ବିଷ୍ଣୁପ୍ରିୟା ସାହୁ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସରୋଜିନୀ ବରାଳ ଏବଂ ପଞ୍ଚାୟତସମିତିସ୍ତରୀୟ ଅନ୍ୟାନ୍ୟ ଅଧିକାରୀ, ହିତାଧିକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ବସ୍ ସେବା

**ସିଏନ୍‌ବିଟି ଓ ରେଳଷ୍ଟେସନରେ ହେଲ୍ପ ଡେସ୍କ**

କଟକ,୧୯।୬(ସମିସ): ଚଳିତ ବର୍ଷ ନିଟ(ୟୁଜି)ର ପୁନଃପରୀକ୍ଷା ଜୁନ ୨୧ତାରିଖରେଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ପରୀକ୍ଷାର୍ଥୀମାନଙ୍କର ସୁଗମ ଯାତାୟାତ ଓ ପରୀକ୍ଷା କେନ୍ଦ୍ରରେ ସଠିକ ସମୟରେ ପହଞ୍ଚିବା ସୁନିଶ୍ଚିତ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରୁ ମାଗଣା ବସ୍ ସେବା ବ୍ୟବସ୍ଥା କରାଯାଇଛି। ପରୀକ୍ଷାର୍ଥୀ ମାନଙ୍କ ସୁବିଧା ପାଇଁ କଟକ ନେତାଜୀ ବସ ଟର୍ମିନାଲ (ସିଏନବିଟି)ଓ ରେଳ ଷ୍ଟେସନ ସମେତ ଜିଲ୍ଲାର ବିଭିନ୍ନ ବ୍ଲକ ଓ କଟକ ମହାନଗର ନିଗମ ଅଞ୍ଚଳରେ ଏହି ବସ ସେବା ଉପଲବ୍ଧ ହେବ। ବସ୍‌ଗୁଡ଼ିକରେ ନିଟ ସ୍ପେସାଲ ଫ୍ରି ବସ ବ୍ୟାନର ଲଗାଯିବ। କଟକ ନେତାଜୀ ବସ ଟର୍ମିନାଲ ଓ ରେଳ ଷ୍ଟେସନଠାରେ ସ୍ୱତନ୍ତ୍ର ହେଲ୍ପ ଡେସ୍କ ଖୋଲାଯିବ। ଜିଲ୍ଲାର ସମସ୍ତ ପରୀକ୍ଷାର୍ଥୀଙ୍କୁ ଏହି ମାଗଣା ବସ୍ ସେବାର ସୁଯୋଗ ନେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଉଛି। କଟକର ଜେକେବିକେ ସରକାରୀ ମହାବିଦ୍ୟାଳୟ, ଓଏମପି, କଟକ, ରେଭେନ୍ସା କାଲିଜିଏଟ ସ୍କୁଲ, ଚାନ୍ଦିନୀଚୌକ, ରେଭେନ୍ସା ବିଶ୍ୱବିଦ୍ୟାଳୟ (କମର୍ସ ବ୍ଲକ), ରେଭେନ୍ସା ବିଶ୍ୱବିଦ୍ୟାଳୟ (ଏକାଡେମିକ ବ୍ଲକ), ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧, ନେତାଜୀ ମେମୋରିଆଲ ସିଟି କଲେଜ, କଟକ, ଲକ୍ଷ୍ମୀ ନାରାୟଣ ସାହୁ ମହାବିଦ୍ୟାଳୟ, ଜଗତପୁର, ଖ୍ରୀଷ୍ଟ ମହାବିଦ୍ୟାଳୟ, ଭୁବନାନନ୍ଦ ଓଡିଶା ଯାନ୍ତ୍ରିକ ବିଦ୍ୟାଳୟ, ଖାନନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ଓ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଛି।

## ସାମ୍ବାଦିକଙ୍କୁ ଗାଳିଗୁଲଜ ଓ ହତ୍ୟା ଧମକ




**ନିଶ୍ଚିନ୍ତକୋଇଲି, ୧୯।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଜଣେ ସାମ୍ବାଦିକଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ ଓ ହତ୍ୟା ଧମକ ଦିଆଯାଇଥିବାର ଥାନାରେ ଅଭିଯୋଗ ହୋଇଛି। ଏହାର ନିରପେକ୍ଷ ତଦନ୍ତ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତ ପୁରୁଂଶ ଗ୍ରାମର ସୀତାନାଥ ସିଂ ନିଶ୍ଚିନ୍ତକୋଇଲି ବ୍ଲକରେ ଦୀର୍ଘ ବର୍ଷ ହେଲା କାର୍ଯ୍ୟ କରି ଆସୁଛନ୍ତି। ଶ୍ରୀ ସିଂଙ୍କ ମୋବାଇଲ ନମ୍ବର ୯୫୮୩୯୩୭୬୭୨ରୁ ଜଣେ ବ୍ୟକ୍ତି ତାଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବାର ଶ୍ରୀ ସିଂ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଧମକ ଯୋଗୁଁ ତାଙ୍କର ଜୀବନ ପ୍ରତି ବିପଦର ଆଶଙ୍କା ସୃଷ୍ଟି ହୋଇଥିବାର ଶ୍ରୀ ସିଂ ପ୍ରକାଶ କରିଛନ୍ତି। ତେବେ ନିଶ୍ଚିନ୍ତକୋଇଲି ଥାନା ପୁଲିସ ଏହି ଅଭିଯୋଗର ତଦନ୍ତ ଜାରି ରଖିଛି। ଧମକ ଦେଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି ହୋଇଛି।

## ଆମ୍ବ ବଗିଚାରେ ହାତୀ ଉପଦ୍ରବ



**ତିଗିରିଆ,୧୯।୬(ସମିସ):** ତିଗିରିଆ ବନଖଣ୍ଡ ଅନ୍ତର୍ଗତ ଭେଜିଆ ଅଞ୍ଚଳରେ ଥିବା ବିନ୍ଧାଣିମା ଗ୍ରାମର କାହ୍ନୁ ରାଉତଙ୍କର ଆମ୍ବ ବଗିଚାରେ ୮ଟି ହାତୀ ଆସି ୨୦ରୁ ଅଧିକ ଆମ୍ବଗଛ ଡାଳ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ବଗିଚାରେ ଥିବା ଆମ୍ବ ଗଛରେ ଆମ୍ବକୁ ମଧ୍ୟ ଖାଇ ନଷ୍ଟ କରିଛନ୍ତି। ଫଳରେ କାହ୍ନୁଙ୍କର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବନ ବିଭାଗ ପକ୍ଷରୁ କାହ୍ନୁଙ୍କ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି।

## ଗାନ୍ଧୀ ନୋଡାଲ ବିଦ୍ୟାପୀଠରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ସାଲେପୁର,୧୯।୬(ସମିସ):** ସାଲେପୁର ଶିକ୍ଷା ଜିଲ୍ଲା ଅନ୍ତର୍ଗତ ଲେଖନପୁର ଗ୍ରାମର ଗାନ୍ଧୀ ନୋଡ଼ାଲ ବିଦ୍ୟାପୀଠରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଗଜେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ସାଲେପୁର ମଣ୍ଡ ଶିକ୍ଷାଧିକାରୀ କୁନ୍ତଳା ଖଟୁଆ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ରଂଜନ କୁମାର ସାମଲ, ଫିରୋଜ ଅହମ୍ମଦ ଖାଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାରାଣୀ ପ୍ରଧାନ, ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଭାପତି, ସଭ୍ୟସଭ୍ୟା ଓ ଗ୍ରାମର ବରିଷ୍ଠ ନାଗରିକ ଏବଂ ସାଲେପୁର ଶିକ୍ଷାମଣ୍ଡଳର ସମସ୍ତ ସିଆରସିମାନେ ସାମିଲ ହୋଇଥିଲେ।

## କନ୍ତୋଲ ଯୁବକ ସଂଘର ବାର୍ଷିକ ନାଟ୍ୟୋତ୍ସବ

# ଦରିଆ କୂଳର ଦରଦୀ ବନ୍ଧୁ ଓ ହାଇଦର ମଞ୍ଚସ୍ଥ



**ଆଠଗଡ଼, ୧୯।୬ (ସମିସ):** ଆଠଗଡ଼ ଏନଏସି କନ୍ତୋଲ ଯୁବକ ସଂଘ ପକ୍ଷରୁ ୨ଦିନରେ ୨ଟି ନାଟକ ପରିବେଷିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଯୁବକ ସଂଘ ସଭାପତି ଦୀନନାଥ ନାୟକଙ୍କ ପୌରୋହିତ୍ୟରେ ସଂଘର ୨ ବରିଷ୍ଠ ଉପଦେଷ୍ଟା ତଥା ସର୍ବଜନରେ ଆଦୃତ ନିର୍ଦ୍ଦେଶକ ପୁରୁଣା ଯୋଡ଼ି ଶରତଚନ୍ଦ୍ର ବାରିକ ଓ ଶତ୍ରୁଘ୍ନ ବେହେରା) ମୁଖ୍ୟଅତିଥି ଭାବେ ମଞ୍ଚ ଉଦଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ ଏନଏସି ଉପନଗରପାଳ ତଥା ବରିଷ୍ଠ ସଭ୍ୟ ଲଳିତ ମୋହନ ନାୟକ ଅତିଥିଦ୍ୱୟଙ୍କ ପ୍ରଶଂସା କରିବା ସହ କନ୍ତୋଳର କଳାକାରଙ୍କ ଭୂମିକାକୁ ମଧ୍ୟ ଉଲ୍ଲେଖ କରିଥିଲେ। ସଂଘର ସଂପାଦକ ତଥା ଉପନଗରପାଳ ବି ଶୁଭ୍ରଶଙ୍କର ଜ୍ୟୋତି ସଂଘର ସେବାକାର୍ଯ୍ୟ ସହ ଅଞ୍ଚଳର କଳା ସଂସ୍କୃତି ଓ ପରମ୍ପରା ଅକ୍ଷୁଣ୍ଣ ରଖିବା ପାଇଁ ସଭ୍ୟଙ୍କ ସହଯୋଗ କାମନା କରିଥିଲେ। କାଉନସିଲର ତଥା ସଭ୍ୟ ଅଶୋକ ବାରିକ, ଚନ୍ଦନ ମହାନ୍ତି, ରଞ୍ଜିତ ବେହେରା, ଆଝାରୁଦ୍ଦିନ ମହମ୍ମଦ, ବନମାଳି ନାୟକ, ମାନସ ମହାରଣାଙ୍କ ସମେତ ବହୁ ସଭ୍ୟ ସହଯୋଗ କରିଥିଲେ। ନିର୍ଦ୍ଦେଶକ କ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ ବୁଧବାର ରାତିରେ ନାଟକ ଦରୀଆ କୂଳର ଦରଦୀ ବନ୍ଧୁ ଓ ଗୁରୁବାର "ହାଇଦର" ନାଟକ ପରିବେଷିତ ହୋଇଥିଲା। ପ୍ରଥମ ରାତିର ନାଟକରେ କଳାକାର ବିନୟ, ସୂର୍ଯ୍ୟମଣି, କୁଳମଣି, ନସିପ, ବଗଲା, ବଂଶୀଙ୍କ ସମେତ ଦମଦାର ଅଭିନୟ ପ୍ରଦର୍ଶନ କରିଥିଲେ। ସେହିପରି ଦ୍ୱିତୀୟ ରାତିରେ ଚିକୁନ, ଅଜିତ (କୁନା), ମିଟୁ, ପାଣୁଆ, ନୀଲୁ, ରବି, ଇରଫାନ , ଶୁଭମ ଆଦି କଳାକାରମାନେ ଅଭିନୟରେ ଦର୍ଶକଙ୍କ ମନ ଜିଣିଥିଲେ। ବଡ଼ମ୍ବା ଅଞ୍ଚଳର ସଂଗୀତ ଅନୁଷ୍ଠାନ ତଥା ନୃତ୍ୟ ଗୁରୁ ମଙ୍ଗୁଳି ସାର ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ସହଯୋଗ କରିଥିଲେ। ୨ ଦିନରେ କନ୍ତୋଲ ତଥା ଆଖପାଖରୁ ପ୍ରାୟ ୮ ହଜାର ଦର୍ଶକଙ୍କ ସମାଗମ ହୋଇଥିଲା।

# ଲକ୍ଷେଶ୍ୱର ମନ୍ଦିରରେ ତ୍ରିଦିବସୀୟ ଶୀତଳ ଷଷ୍ଠୀ ମହୋତ୍ସବ

**ଫୁଲନଖରା, ୧୯।୬ (ସମିସ)**




ନଖରା ମୌଜାସ୍ଥିତ ଶ୍ରୀଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ଶୀତଳଷଷ୍ଠୀ ଅବସରରେ ମହାଦେବଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ମନ୍ଦିର ସେବକମାନଙ୍କ ଦ୍ୱାରା କରାଯାଇଥିଲା। ବିଭିନ୍ନ ଗ୍ରାମର ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲା ବେଳେ ମଧ୍ୟାହ୍ନରେ ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ମନ୍ଦିର ପରିଚାଳନା ଟ୍ରଷ୍ଟବୋର୍ଡର ସଦସ୍ୟ ଓ ଉପଦେଷ୍ଟାମଣ୍ଡଳୀର କର୍ମକର୍ତ୍ତା ପରିଚାଳନା କରିଥିଲେ। ଏହି ଅବସରରେ ନିର୍ଝର କଲଚରାଲ ଏକାଡେମୀ ପକ୍ଷରୁ ତ୍ରିଦିବସୀୟ ଶୀତଳଷଷ୍ଠୀ ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ସାମ୍ବାଦିକ କାନନ ବିହାରୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମନ୍ଦିର ପରିଚାଳନା କମିଟିର ସଭାପତି ଗୁଣନିଧି ପଟ୍ଟନାୟକ, କର୍ପୋରେଟର ମମତା ମହାନ୍ତି, ମନ୍ଦିର ଟ୍ରଷ୍ଟି ବଂଶୀଧର ଭୋଳ, କର୍ପୋରେଟର ସୁକୁମାର ସାହୁ, ସାହିତ୍ୟିକ ସ୍ୱାଧୀନଚେତା ମହାନ୍ତି, ଓଡ଼ିଶା ରାଜ୍ୟ କିନ୍ନର ସଂଘର ସଭାପତି ସ୍ୱିଟି ସାହୁ, ସଂପାଦକ ମେଘନା ସାହୁ, ମନ୍ଦିର ସେବାୟତ ଧିରେନ୍ଦ୍ର ପାଢ଼ୀ, ସରୋଜ ପାଢ଼ୀ ଓ ସମାଜସେବୀ ଶିବ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଗୁରୁ ଚିନ୍ମୟୀ ତ୍ରିପାଠୀ, ଜାତୀୟ ସ୍କଲାରସିପ୍ ପ୍ରାପ୍ତ ନୃତ୍ୟଶିଳ୍ପୀ ମୃଣାଳ କାନ୍ତି ରାଉତ ଓ ଚନ୍ଦନ ବେହେରାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ଝର ଅନୁଷ୍ଠାନର ଗୁରୁ ଭାଗ୍ୟଶ୍ରୀ ଦାସ ଓ ଅନୁଷ୍ଠାନର କର୍ମକର୍ତ୍ତା ପରିଚାଳନା କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା।

# ଶିବ ବିବାହ ଓ ଶୀତଳ ଷଷ୍ଠୀ ମହୋତ୍ସବ ଉଦ୍‌ଯାପିତ



**ସାଲେପୁର, ୧୯।୬(ସମିସ):** ସାଲେପୁର ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁରସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପରିସରରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ପୀଠ ଉନ୍ନୟନ, ସେବା ସମିତି ଓ ଟ୍ରଷ୍ଟ ବୋର୍ଡର ମିଳିତ ଆନୁକୂଲ୍ୟରେ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ମହୋତ୍ସବ–୨୦୨୬ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବର ପିତାମାତା ଭାବେ ସୁବାସ ଚନ୍ଦ୍ର ପଣ୍ଡା ଓ ସ୍ୱର୍ଣ୍ଣଲତା ପାଣି ଏବଂ କନ୍ୟା ପିତାମାତା ଭାବେ ଅମୀୟ ରଞ୍ଜନ ଦାଶ ଓ ସାବିତ୍ରୀ ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ବେଦମନ୍ତ୍ର ଓ ପାରମ୍ପରିକ ବିଧିବିଧାନ ମଧ୍ୟରେ ସମ୍ପନ୍ନ ଏହି ଦିବ୍ୟ ବିବାହ ଉତ୍ସବ ଦର୍ଶନ ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହୋଇଥିଲା। ଏହାପରେ ସନ୍ଧ୍ୟାରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଲୋକପରମ୍ପରାକୁ ଆଧାର କରି ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଳାକାରଙ୍କୁ ଆୟୋଜକମଣ୍ଡଳୀ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଅମୂଲ୍ୟ ଦାଶ, ଜ୍ୟୋତିର୍ମୟୀ ମିଶ୍ର, ବିଷ୍ଣୁଚରଣ ମହାନ୍ତି, ମହେଶ୍ୱର ସାହୁ, ଦିଲ୍ଲୀପ ଲେଙ୍କା, ମାଧବାନନ୍ଦ ବାରିକ, ବିଷ୍ଣୁଚରଣ ସାହୁ, ଦୁଃଶାସନ ରାଉତ, ହୃଷୀକେଶ ମହାରଣା, ବିଶ୍ୱରଞ୍ଜନ ସାହୁ, କମଳାକାନ୍ତ ସାହୁ, ଉମାଶଙ୍କର ରାଉତ, ପ୍ରସନ୍ନ ପାତ୍ର, ଭରତ ଦାସ, ମାଧବାନନ୍ଦ ରାଉତ, ଶିବ ବେହେରା, ଅନିଲ ରାଉତ ଓ ବିଭୂତି ସେଠୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## କମଙ୍ଗରେ ଶୀତଳଷଷ୍ଠୀ ଶିବ ବିବାହ ଉତ୍ସବ



ଟାଙ୍ଗୀ,୧୯।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କମଙ୍ଗ ଗ୍ରାମସ୍ଥ ବାବା ପରମେଶ୍ୱର ଏବଂ ମା' ବଉଳେଇ ମନ୍ଦିର ପରିସରରେ ଶୀତଳଷଷ୍ଠୀ ଶିବ ବିବାହ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଷ୍ଣୁଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସ୍ୱତନ୍ତ୍ର ଅତିଥି ଜିଲ୍ଲା ରେଡକ୍ରସ ସମ୍ପାଦିକା ଡ଼ ସସ୍ମିତା ପଟ୍ଟନାୟକ, ସମ୍ମାନିତ ଅତିଥି ଯାଜପୁର ଜିଲ୍ଲା ଉଦ୍ୟାନ ବିଭାଗ ଏଡିଏଚ, ଗରୁଡ଼ଗାଁ ପ୍ରାକ୍ତନ ସରପଞ୍ଚ ସୁବୋଧ କୁମାର ସାମଲ, ସମାଜସେବୀ ଦିପ୍ତିକାନ୍ତ ସ୍ୱାଇଁ, ପ୍ରବୀର କୁମାର ଦାଶ, ପ୍ରମୋଦ ଜଟ, ଜଗନ୍ନାଥ ଦାସ ଓ ଧ୍ରୁବ ଚରଣ ବେଉରାଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ବର ପିତା ଭାବେ ସମାଜସେବୀ ଗଙ୍ଗାଧର ବେହେରା ଓ କନ୍ୟା ପିତା ଭାବେ ଉଦ୍ୟାନବିତ ପ୍ରଶାନ୍ତ କୁମାର ବସ୍ତିଆ ଓ ଶିବ ପାତ୍ର କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଗାଁ ମହିଳାଙ୍କ ଦ୍ୱାରା ପାଣି ତୋଳା, ମହାପ୍ରଭୁଙ୍କ ଗ୍ରାମ ପରିକ୍ରମା ବରଯାତ୍ରୀ ଗମନ ସହ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମଧୁସୂଦନ କଳା ନିକେତନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାନସରଞ୍ଜନ ମଲ୍ଲିକ, ଖଗେଶ୍ୱର ପାତ୍ର, ମାନସ ରଞ୍ଜନ ବେଉରା, ଅନନ୍ତ ମହାରଣା, ସନାତନ ଦାସ ଓ ଉତ୍ତମ ସାମଲଙ୍କ ସମେତ କମଙ୍ଗ ଓ କଉଡିଆପଡା ଗ୍ରାମବାସୀ ସହଯୋଗ କରିଥିଲେ।

## ସିଦ୍ଧେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ



**ତିଗିରିଆ,୧୯।୬ (ସମିସ):** ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତ ଚଷାଆଁରା ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କର ୨୩ତମ ବାର୍ଷିକ ଜନ୍ମଉତ୍ସବ ସହ ଶୀତଳଷଷ୍ଠୀ ଯାତ୍ରା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଷାଆଁରା ଗ୍ରାମବାସୀଙ୍କ ସହଯୋଗରେ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ସଂକୀର୍ତ୍ତନ, ୧୭ ତାରିଖ ଦ୍ୱିତୀୟ ଦିନରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣଙ୍କ ଟିମ ପକ୍ଷରୁ ଭଜନ ପରିବେଷଣ ହୋଇଥିଲା। ଗତକାଲି ଅନ୍ତିମ ଦିବସରେ ମନ୍ଦିରରେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅତିଥଇ ଭାବେ ଜିଲ୍ଲା କଂଗ୍ରେସ ସମ୍ପାଦକ ହିମାଂଶୁ ଭୂଷଣ ମହାନ୍ତି (ସାଇରାମ) ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୩୫ ● ପାଉଣ୍ଡ ୧୨୬.୦୩
- ୟୁରୋ ୧୦୯.୦୫ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୩,୭୦୦ (ଭୁବନେଶ୍ୱର)
- ରୁପା : ୨,୫୫,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୮୦୨.୦୦
- ନିଫ୍ଟି ୨୪,୦୧୩.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

## ଯୁଦ୍ଧ ବନ୍ଦ: ୧୨୬ରୁ ୭୫ ଡଲାରକୁ ଖସିଲା ଅଶୋଧିତ ତୈଳ

# କେବେ କମିବ ପେଟ୍ରୋଲ, ଡିଜେଲ ଦର



ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି): ଶେଷରେ ଆମେରିକା ଓ ଇରାନ୍ ମଧ୍ୟରେ ହୋଇଛି ଶାନ୍ତି ଚୁକ୍ତି। ଏହାପରେ ବିଶ୍ୱବ୍ୟାପୀ ତେଲ ଦର ବୃଦ୍ଧିରେ ଲାଗିଛି ବ୍ରେକ୍। ଇରାନ-ଆମେରିକା ଯୁଦ୍ଧ ସମୟରେ ଭାରତୀୟ ବାସ୍କେଟ୍ ଅନୁଯାୟୀ ଅଶୋଧିତ ତୈଳ ମୂଲ୍ୟ ସର୍ବାଧିକ ବ୍ୟାରେଲ୍ ପିଛା ୧୪୨ ଡଲାର ଟପିଯାଇଥିଲା। ବର୍ତ୍ତମାନ ଯୁଦ୍ଧ ଶେଷ ହେବା ପରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୭୫ ଡଲାରକୁ ଖସିଯାଇଛି। ତେଲ ଦରରେ ଏହି ସାରା ବିଶ୍ୱରେ ଖାଉଟିଙ୍କୁ ଆଶ୍ୱସ୍ତି ଦେଇଛି। ହେଲେ ଭାରତରେ ଖାଉଟିଙ୍କୁ ଏ ଯାଏ ଉଚ୍ଚ ତୈଳ ଦରକୁ ନିସ୍ତାର ମିଳିପାରୁନାହିଁ। ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରରେ ହ୍ରାସ ଘଟୁଥିବାରୁ ଦେଶରେ ଲୋକମାନେ ଆଶା କରୁଛନ୍ତି ଯେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ଗ୍ୟାସ ମୂଲ୍ୟ ଶୀଘ୍ର ହ୍ରାସ ପାଇବ। ହେଲେ ଏଠାରେ ସେମିତି କିଛି ଘଟୁନାହିଁ। ଏ ସମ୍ପର୍କରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ କହିଛନ୍ତି ଯେ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟରେ ହ୍ରାସର ପ୍ରଭାବ ଦେଶ ମଧ୍ୟରେ ପେଟ୍ରୋଲ ପମ୍ପରେ ପହଞ୍ଚିବାକୁ ସମୟ ଲାଗିବ।

ମଧ୍ୟ ପ୍ରାଚ୍ୟ ଯୁଦ୍ଧ ସମୟରେ ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବାବେଳେ କେନ୍ଦ୍ର ସରକାର ତୈଳ ଦର ବୃଦ୍ଧି ଦ୍ୱାହି ଦେଇ ସରକାରୀ ତେଲ କମ୍ପାନୀଙ୍କ ସପକ୍ଷରେ ପେଟ୍ରୋଲ ଏବଂ ଡିଜେଲ ଦରରେ ବୃଦ୍ଧିକୁ ସମର୍ଥନ କରିଥିଲେ। ଆମେରିକା-ଇରାନ ଉତ୍ତେଜନା ୨୮ ଫେବୃଆରୀରେ ଆରମ୍ଭ ହୋଇଥିଲା, ଯାହା ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଘଟାଇଥିଲା। ଯାହାଫଳରେ କ୍ରମାଗତ ଭାବେ ୪ ଥରରେ ଦେଶରେ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ପାଖାପାଖି ୮ ଟଙ୍କା ବୃଦ୍ଧି ଘଟିଥିଲା।

ଏବେ ଅନ୍ତର୍ଜାତୀୟ ବଜାରରେ

**ପେଟ୍ରୋଲ ପମ୍ପରେ ମୂଲ୍ୟ ହ୍ରାସ ପାଇଁ ସମୟ ଲାଗିବ: ପେଟ୍ରୋଲିୟମ ରାଷ୍ଟ୍ରମନ୍ତ୍ରୀ**

ଅଶୋଧିତ ତୈଳ ଦରରେ ହ୍ରାସ ଘଟିବା ପରେ ନା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ କି ସରକାର କାହାର ଦେଖାନାହିଁ। ଯଦି ଆମେ ହିସାବ କରିବା ଚଳିତବର୍ଷର ମାର୍ଚ୍ଚ ମଧ୍ୟଭାଗରେ ଭାରତୀୟ ବାସ୍କେଟ୍ ହିସାବରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ୍ ପିଛା ୧୪୨ ଡଲାର ଅତିକ୍ରମ କରିଥିଲା। ବର୍ତ୍ତମାନ ବ୍ରେଣ୍ଟ୍ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୭୫ ଡଲାରକୁ ଖସିଆସିଲାଣି। ତେବେ ହିସାବ ଅନୁଯାୟୀ ଏହି ୩ ମାସ ମଧ୍ୟରେ ତୈଳ ମୂଲ୍ୟ ବ୍ୟାରେଲ ପିଛା ୬୭ ଡଲାର ହ୍ରାସ ଘଟିଛି। ହେଲେ ପେଟ୍ରୋଲ-ଡିଜେଲ ମୂଲ୍ୟରେ ହ୍ରାସ ହେଉନାହିଁ। ଏଥିରେ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀଙ୍କ ବକ୍ତବ୍ୟ କଟା ଘା'ରେ ଚୂନ ମାରିବା ଭଳି ହୋଇଛି। ଶ୍ରୀ ଗୋପୀ କହିଛନ୍ତି, ବିଶ୍ୱ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସର ଅର୍ଥ ନୁହେଁ ଯେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ତୁରନ୍ତ ହ୍ରାସ ପାଇବ। ସେ ବ୍ୟାଖ୍ୟା କରିଛନ୍ତି ଯେ ଇନ୍ଧନ ମୂଲ୍ୟ ଅନେକ କାରଣ ଦ୍ୱାରା ପ୍ରଭାବିତ ହୁଏ, ଯେଉଁଥିରେ କମ୍ ମୂଲ୍ୟରେ କିଣାଯାଇଥିବା ଅଶୋଧିତ ତୈଳ ଭାରତରେ ପହଞ୍ଚିବା ପାଇଁ ସମୟ ଲାଗେ। ପରିସ୍ଥିତି ସ୍ୱାଭାବିକ ହେବାକୁ ସମୟ ଲାଗିବ। ତେଣୁ ଶସ୍ତା ଅଶୋଧିତ ତୈଳ ହର୍ମୁଜ୍ ପ୍ରଣାଳୀ ଦେଇ ଭାରତକୁ ଆଣିବାକୁ ମଧ୍ୟ ସମୟ ଦରକାର।

## ବେଦାନ୍ତ ଆଲୁମିନିୟମ ଗ୍ରୀଷ୍ମ ଶିବିରରେ ୬୦୦ ରୁ ଅଧିକ ଛାତ୍ରଛାତ୍ରୀ ସାମିଲ



ଭୁବନେଶ୍ୱର, ୧୯।୬(ସମିସ): ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଜାମଖାନୀ ଏବଂ ଘୋଘରପଲ୍ଲୀ ଅଞ୍ଚଳର ୧୨ଟି ସରକାରୀ ବିଦ୍ୟାଳୟରେ ଗ୍ରୀଷ୍ମ ଶିବିର ଆୟୋଜନ କରିଛି, ଯାହା ଗ୍ରୀଷ୍ମ ଛୁଟି ସମୟରେ ଶିକ୍ଷା, ସଚେତନତା ଏବଂ ମନୋରଞ୍ଜନ କାର୍ଯ୍ୟକଳାପର ମିଶ୍ରଣରେ ୬୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଉପକୃତ କରିଛି। ପିଲାମାନଙ୍କ ମଧ୍ୟରେ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ ହୋଇଥିବା ଏହି ଶିବିରରେ ଭୂବିଜ୍ଞାନ, କ୍ୟାରିଅର୍ କାଉନସେଲିଂ ଏବଂ କ୍ରୀଡା ଉପରେ ତଥ୍ୟ ଆଦାନ ପ୍ରଦାନ ସହିତ କଳା ଏବଂ ହସ୍ତଶିଳ୍ପ, କାହାଣୀ କହିବା, କୁଇଜ୍ ଏବଂ ବୁଦ୍ଧିର ଖେଳ ଅନ୍ତର୍ଭୁକ୍ତ ଥିଲା। ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ ଅଭିଯାନରେ ମଧ୍ୟ ଅଂଶଗ୍ରହଣ କରି ୫୦୦ ରୁ ଅଧିକ ଚାରା ରୋପଣ କରିଥିଲେ, ଶ୍ରେଣୀଗୃହ ବାହାରେ ଶିକ୍ଷା ଅଭିଜ୍ଞତା ସହିତ ପରିବେଶ ସଚେତନତା ବେଶ୍ ସହାୟକ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହେମଗିରର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) କରୁଣା ସାଗର ପଟେଲ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଏବଂ ଅଂଶଗ୍ରହଣକାରୀ ବିଦ୍ୟାଳୟର ଶିକ୍ଷକମାନେ ଯୋଗଦେଇଥିଲେ। ଗ୍ରୀଷ୍ମ ଶିବିରରେ କର୍ମଚାରୀ ସ୍ୱେଚ୍ଛାସେବୀ ମନୋଭାବକୁ ମଧ୍ୟ ପାଳନ କରାଯାଇଥିଲା, ଯେଉଁଥିରେ ୨୬ ଜଣ କର୍ମଚାରୀ ଛାତ୍ରମାନଙ୍କ ପାଇଁ କାର୍ଯ୍ୟକଳାପ ଆୟୋଜନ ଏବଂ ଶିବିର ପରିଚାଳନା ଦିଗରେ ସ୍ୱେଚ୍ଛାସେବୀ ଭାବେ ୧୪୫ ମାନବ-ଘଣ୍ଟା ଯୋଗଦାନ କରିଥିଲେ, ଯାହା ୪୬ ମାନବ-ଦିବସ ସହିତ ସମାନ। ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ଗୋଷ୍ଠୀଗତ ଯୋଗଦାନକୁ ସୁଦୃଢ଼ କରିବା ସହିତ ଅର୍ଥପୂର୍ଣ୍ଣ ଶିକ୍ଷଣୀୟ ଅନୁଭୂତି ସୃଷ୍ଟି କରିବାରେ ସହାୟକ ହୋଇଥିଲା।

## ପୁରୀରେ ଚାନ୍ଦି ଭଣ୍ଡାରର ୩୨ତମ ଷ୍ଟୋର

**୨୦ ତାରିଖ ପର୍ଯ୍ୟନ୍ତ ଗଢ଼ା ମଜୁରିରେ ଫ୍ଲାଟ୍ ୩୦% ରିଆତି**



ଭୁବନେଶ୍ୱର,୧୯।୬(ସମିସ): ପୁରୀରେ ଚାନ୍ଦି ଭଣ୍ଡାର ଖୋଲି ଛିଏହାର ୩୨ତମ ଷ୍ଟୋର। ଏହି ସମ୍ପ୍ରସାରଣ ହେଉଛି ରାଜ୍ୟବ୍ୟାପୀ ଗ୍ରାହକଙ୍କ ନିକଟରେ ଚାନ୍ଦି ଭଣ୍ଡାରର ଅଦ୍ୱିତୀୟ ରୁପା କାରିଗରୀ, ଶୁଦ୍ଧତା ଏବଂ ବିଶ୍ୱାସକୁ ପହଞ୍ଚାଇବାର ନିରନ୍ତର ପ୍ରତିଶ୍ରୁତିର ପ୍ରତିଫଳନ। ଏହି ନୂଆ ଷ୍ଟୋର ପୁରୁଣା ଜେଲ୍ ରୋଡ୍‌ସ୍ଥିତ ପୁରୀ ମେଡିକାଲ ପଛ ପାର୍ଶ୍ୱ କୁମ୍ଭାରପଡ଼ାଠାରେ ଗ୍ରାଉଣ୍ଡ ଫ୍ଲୋରରେ ଅବସ୍ଥିତ। ୨୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ଏହି ଷ୍ଟୋର ଅତି ସୁନ୍ଦର ଡିସ୍‌ପ୍ଲେ ଏବଂ ଆକର୍ଷଣୀୟ ଇଣ୍ଟେରିୟର ମାଧ୍ୟମରେ ଏକ ଅନନ୍ୟ ସପିଂ ଅନୁଭୂତି ପ୍ରଦାନ କରୁଛି। ଏହି ଷ୍ଟୋରକୁ ପୁରୀର ଡେପୁଟି କମିଶନର ଅଭିମନ୍ୟୁ ବେହେରା ଶୁଭାରମ୍ଭ କରିଥିଲେ। ପୁରୀ ଷ୍ଟୋର୍‌ର ମେଗା ଲଞ୍ଚିଂକୁ ପାଳନ କରିବା ପାଇଁ ଏଠାରେ ଷ୍ଟର୍ଲିଂ ରୁପା ଗହଣା ଏବଂ ଲାଇଫ୍‌ଷ୍ଟାଇଲ ପ୍ରଡକ୍ଟର ବ୍ୟାପକ ରେଞ୍ଜ୍ ରହିଛି। ହଲମାର୍କ ରୁପା ବାସନ ଏବଂ ପୂଜା ସାମଗ୍ରୀଠାରୁ ଆରମ୍ଭ କରି ପ୍ରିମିୟମ ଆସେସୋରିଜ୍ ପର୍ଯ୍ୟନ୍ତ ୯୨.୫% ଶୁଦ୍ଧ ଷ୍ଟର୍ଲିଂ ରୁପାରେ ପ୍ରସ୍ତୁତ ପ୍ରତ୍ୟେକ ପିସ୍ ଗହଣା ସୂକ୍ଷ୍ମ କାରିଗରୀ ଏବଂ କାଳଜୟୀ ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରୁଛି । ମହିଳାମାନଙ୍କ ପାଇଁ ଜିରକନ୍‌ଚିତ ନେକ୍‌ସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ପାଉଁଜିର ଭଳିକି ଭଳି ସମ୍ଭାର ଏଠାରେ ରହିଛି, ଯାହାକି ଫେଷ୍ଟିଭ୍ ସେଲିବ୍ରେଶନ୍ ଏବଂ ନିତିଦିନିଆ ବ୍ୟବହାର ପାଇଁ ସର୍ବୋତ୍କୃଷ୍ଟ । ପୁରୁଷଙ୍କ ରୁପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଆମୋଘ କଲେକ୍ସନ ଷ୍ଟୋରରେ ଉପଲବ୍ଧ, ଯେଉଁଥିରେ ବ୍ରେସ୍‌ଲେଟ୍, ମୁଦି, କଫ୍‌ଲିଙ୍କ୍ ଏବଂ ଚେନ୍ ଆଦି ରହିଛି । ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ ରୁପା ଡିଜାଇନ ଉପଲବ୍ଧ । ସ୍ୱତନ୍ତ୍ର ଲଞ୍ଚିଂ ଅଫର ଭାବେ ଗ୍ରାହକ ଜୁନ୍ ୨୦ ପର୍ଯ୍ୟନ୍ତ ଗଢ଼ା ମଜୁରିରେ ଫ୍ଲାଟ୍ ୩୦% ରିଆତି ପାଇବେ ବୋଲି ଏହି ଅବସରରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କହିଛନ୍ତି।

## ସ୍ୱିସ୍ ବ୍ୟାଙ୍କରେ ଦ୍ରୁତ ଗତିରେ ଧନ ଠୁଳ କରୁଛନ୍ତି ଭାରତୀୟ

# ଜମା ଅର୍ଥ ୨୦୨୫ ତୁଳନାରେ ୫୦% ବଢ଼ିଛି

ନୂଆଦିଲ୍ଲୀ,୧୯।୬(ଏଜେନ୍ସି): ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଦ୍ୱାରା ଜମା କରାଯାଇଥିବା ଟଙ୍କା ଉପରେ ସାରା ଦେଶର ନଜର ରହିଛି। ସ୍ୱିଜରଲ୍ୟାଣ୍ଡର କେନ୍ଦ୍ରୀୟ ବ୍ୟାଙ୍କ ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କ (ଏସ୍‌ଏନ୍‌ବି) ପକ୍ଷରୁ ପ୍ରକାଶିତ ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ଭାରତୀୟ ଗ୍ରାହକ ଏବଂ ପ୍ରତିଷ୍ଠାନଗୁଡିକ ଦ୍ୱାରା ବ୍ୟାଙ୍କରେ କରାଯାଇଥିବା ଜମା ଅର୍ଥ ପରିମାଣ ୨୦୨୫ରେ ୫୦% ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ଭାରତୀୟଙ୍କ ଦ୍ୱାରା ସ୍ୱିସ୍ ବ୍ୟାଙ୍କରେ ମୋଟ ଜମା ରାଶିରେ ୮% ହ୍ରାସ ପାଇ ୩.୨୫ ବିଲିୟନ ସ୍ୱିସ୍ ଫ୍ରାଙ୍କ (ପ୍ରାୟ ୩୬,୭୯୩ କୋଟି ଟଙ୍କା) ହୋଇଛି। ସ୍ଥାନୀୟ ଶାଖା ଏବଂ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ପ୍ରତିଷ୍ଠାନ ମାଧ୍ୟମରେ ରଖାଯାଇଥିବା ପାଣ୍ଠିରେ ହ୍ରାସ ଯୋଗୁଁ ଏହା ଘଟିଛି।

ଏସ୍‌ଏନ୍‌ବି ଅନୁଯାୟୀ, ମୋଟ ଜମାରେ ହ୍ରାସ ସତ୍ତ୍ୱେ ସ୍ୱିସ୍ ବ୍ୟାଙ୍କରେ ବ୍ୟକ୍ତିଗତ ଏବଂ ସଂସ୍ଥାଗୁଡିକର ଗ୍ରାହକମାନଙ୍କ ଦ୍ୱାରା ରଖାଯାଇଥିବା ଜମା ଅର୍ଥ ୫୦% ରୁ ଅଧିକ ବୃଦ୍ଧି ପାଇ ୫୨୪ ନିୟୁତ ସ୍ୱିସ୍ ଫ୍ରାଙ୍କ (ପ୍ରାୟ ୬୦୦୦ କୋଟି ଟଙ୍କା) ହୋଇଛି। ତଥାପି, ଏହି ଜମା ମୋଟ ପାଣ୍ଠିର ପ୍ରାୟ ୧୬% ଥିଲା। ମୋଟ ପାଣ୍ଠିର ଏକ ବଡ଼ ଅଂଶ ଅନ୍ୟ ବ୍ୟାଙ୍କ ଏବଂ ଆର୍ଥିକ

**ବ୍ୟକ୍ତିଗତ ଆକାଉଣ୍ଟ ସଂଖ୍ୟାରେ ବୃଦ୍ଧି**

**ମୋଟ ଜମା ରାଶି ୮% କମିଲା**

**କେବଳ ୨୦୨୫ରେ ଜମା ରାଶି ୩୬ ହଜାର କୋଟି ଟପିଲା**

**ବିଶ୍ୱରେ ଭାରତୀୟଙ୍କ ସ୍ଥାନ ୪୬**



ପ୍ରତିଷ୍ଠାନମାନଙ୍କ ଦ୍ୱାରା ରଖାଯାଇଥିବା ବ୍ୟାଙ୍କ ଦେୟ ଭାବରେ ରହିଛି। ପୂର୍ବରୁ, ୨୦୨୪ରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ମୋଟ ଜମା ଅର୍ଥ ତିନି ଗୁଣ ବୃଦ୍ଧି ପାଇ ୩.୫ ବିଲିୟନ ସ୍ୱିସ୍ ଫ୍ରାଙ୍କରେ ପହଞ୍ଚିଥିଲା, ଯାହା ୨୦୨୧ ପରଠାରୁ ସର୍ବୋଚ୍ଚ ସ୍ତର। ସେହିପରି ୨୦୨୧ରେରେ ଏହି ସଂଖ୍ୟା ୩.୮୩ ବିଲିୟନ ସ୍ୱିସ୍ ଫ୍ରାଙ୍କର ୧୪ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ଏହି ସଂଖ୍ୟାଗୁଡ଼ିକ ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କକୁ ବ୍ୟାଙ୍କଗୁଡ଼ିକ ଦ୍ୱାରା ଦାଖଲ କରାଯାଇଥିବା ସୂଚନା ଉପରେ ଆଧାରିତ। ସେମାନେ ସ୍ୱିଜରଲ୍ୟାଣ୍ଡରେ ଭାରତୀୟମାନଙ୍କ ଦ୍ୱାରା ରଖାଯାଇଥିବା କଳାଧନର ବହୁ ଜମା ପରିମାଣକୁ ପ୍ରତିଫଳିତ କରନ୍ତି ନାହିଁ। ଏହି ଜମା ତଥ୍ୟରେ ପ୍ରବାସୀ ଭାରତୀୟ ଏନ୍‌ଆର୍‌ଆଇ) କିମ୍ବା ଅନ୍ୟମାନଙ୍କ ଦ୍ୱାରା ତୃତୀୟ ଦେଶର ସଂସ୍ଥା ନାମରେ ସ୍ୱିସ୍ ବ୍ୟାଙ୍କରେ ରଖାଯାଇଥିବା ପାଣ୍ଠି ଅନ୍ତର୍ଭୁକ୍ତ କରାଯାଇନାହିଁ।

ଏସ୍‌ଏନ୍‌ବି ରିପୋର୍ଟ ଅନୁଯାୟୀ, ୨୦୨୫ ଶେଷରେ ୩୨୫.୦୫ କୋଟି ସ୍ୱିସ୍ ଫ୍ରାଙ୍କର ମୋଟ କାରବାର ମଧ୍ୟରୁ ୫୨.୪ କୋଟି ସ୍ୱିସ୍ ଫ୍ରାଙ୍କ କେବଳ ଗ୍ରାହକଙ୍କ ଦ୍ୱାରା ଜମା ରାଶି ଥିଲା, ୨.୬ ବିଲିୟନ ସ୍ୱିସ୍ ଫ୍ରାଙ୍କ ଅନ୍ୟ ବ୍ୟାଙ୍କ ମାଧ୍ୟମରେ ରଖାଯାଇଥିଲା, ୧.୮୬ କୋଟି ସ୍ୱିସ୍ ଫ୍ରାଙ୍କ ବିଶ୍ୱସ୍ତ ସଂସ୍ଥା କିମ୍ବା ଟ୍ରଷ୍ଟ ମାଧ୍ୟମରେ ରଖାଯାଇଥିଲା ଏବଂ ୧୦.୫୭ କୋଟି ସ୍ୱିସ୍ ଫ୍ରାଙ୍କ ବଣ୍ଡ ଏବଂ ସିକ୍ୟୁରିଟିଜ୍ ଭଳି ଅନ୍ୟାନ୍ୟ ଆର୍ଥିକ ଉପକରଣରେ ରଖାଯାଇଥିଲା। ୨୦୦୬ରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଦ୍ୱାରା ମୋଟ ଜମା ପ୍ରାୟ ୬.୫ ବିଲିୟନ ସ୍ୱିସ୍ ଫ୍ରାଙ୍କର ରେକର୍ଡ ସର୍ବାଧିକ ସ୍ତରରେ ପହଞ୍ଚିଥିଲା। ଏହାପରେ, ଏଥିରେ ହ୍ରାସ ଘଟିଛି, ଯଦିଓ ୨୦୧୧, ୨୦୧୩, ୨୦୧୭, ୨୦୨୦, ୨୦୨୧, ୨୦୨୨, ୨୦୨୩ ଏବଂ ୨୦୨୪ କିଛି ବର୍ଷ ଧରି ଏଥିରେ ବୃଦ୍ଧି ଘଟିଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୮ ମସିହାରୁ ସ୍ୱିଜରଲ୍ୟାଣ୍ଡ ଏବଂ ଭାରତ ମଧ୍ୟରେ ଏକ ସ୍ୱୟଂଚାଳିତ ସୂଚନା ବିନିମୟ ବ୍ୟବସ୍ଥା ପ୍ରଚଳିତ ହୋଇଛି, ଯାହା ଅଧୀନରେ ପ୍ରତିବର୍ଷ ସ୍ୱିସ୍ ଆର୍ଥିକ ପ୍ରତିଷ୍ଠାନରେ ଆକାଉଣ୍ଟଧାରୀଙ୍କ ବିଷୟରେ ବିସ୍ତୃତ ସୂଚନା ଭାରତୀୟ ଟିକସ କର୍ତ୍ତୃପକ୍ଷଙ୍କ ସହ ସେୟାର କରାଯାଏ। ବିଶ୍ୱ ସ୍ତରରେ, ୨୦୨୫ରେ ସ୍ୱିସ୍ ବ୍ୟାଙ୍କରେ ବିଦେଶୀ ଗ୍ରାହକମାନଙ୍କ ଦ୍ୱାରା ରଖାଯାଇଥିବା ମୋଟ ଜମା ପ୍ରାୟ ୮% ହ୍ରାସ ପାଇ ୧.୦୫ ଟ୍ରିଲିୟନ ସ୍ୱିସ୍ ଫ୍ରାଙ୍କ ହୋଇଛି। ୧୯୨ ବିଲିୟନ ସ୍ୱିସ୍ ଫ୍ରାଙ୍କ ସହିତ ସ୍ୱିସ୍ ବ୍ୟାଙ୍କ ରଖିଥିବା ବିଦେଶୀ ଗ୍ରାହକଙ୍କ ତାଲିକାରେ ୟୁକେ ଶୀର୍ଷରେ ରହିଥିଲା, ଯେତେବେଳେ କି ଆମେରିକା (୭୫ ବିଲିୟନ ସ୍ୱିସ୍ ଫ୍ରାଙ୍କ) ଏବଂ ଫ୍ରାନ୍ସ (୬୩ ବିଲିୟନ ସ୍ୱିସ୍ ଫ୍ରାଙ୍କ) ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଲା।

## ବୋର୍ଡ ପରୀକ୍ଷାରେ ସଦ୍‌ଗୁରୁ କଲେଜ ଅଫ୍ ନର୍ସିଂ ଆଣ୍ଡ ଆଲାଇଡ୍ ମେଡିକାଲ ସାଇନ୍ସେସ୍‌ର ସଫଳତା




କଟକ,୧୯।୬(ସମିସ): ଜଗତପୁର ସଦଗୁରୁ ନର୍ସିଂ ଓ ଆଲାଏଡ୍ ମେଡିକାଲ ସାଇନ୍ସେସ୍‌ର କୃତୀ ଛାତ୍ରୀଙ୍କୁ ସେମାନଙ୍କ ସଫଳତା ପାଇଁ କଲେଜ ପରିସରରେ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଛି। ଚଳିତବର୍ଷ ଅନୁଷ୍ଠିତ ରାଜ୍ୟସ୍ତରୀୟ ମେଡିକାଲ ସାଇନ୍ସ ପରୀକ୍ଷାରେ ବିଭିନ୍ନ ବର୍ଗରେ ୧୪ ଜଣ ଛାତ୍ରୀ ରାଜ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସଦ୍‌ଗୁରୁ ହେଲଥ୍ ଆଣ୍ଡ ଏଜୁକେସନ ଟ୍ରଷ୍ଟ ଅଧୀନରେ ପରିଚାଳିତ ଏହି ଅନୁଷ୍ଠାନ ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଅଲ୍ ଓଡ଼ିଶା ବୋର୍ଡ ପରୀକ୍ଷାରେ ରାଜ୍ୟସ୍ତରୀୟ ଶ୍ରେଷ୍ଠ ସ୍ଥାନ ଅଧିକାର କରି ନିଜର ଶିକ୍ଷାଗତ ଦକ୍ଷତାକୁ ପ୍ରମାଣିତ କରିଛି। କଲେଜ ତରଫରୁ ରାଜ୍ୟସ୍ତରରେ ବିଭିନ୍ନ ବିଭାଗରେ ଟପ୍ ର୍ୟାଙ୍କ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷ ଡା. ପ୍ରଦୀପ କୁମାର ମହାନ୍ତି, ଟ୍ରଷ୍ଟି ଡା. ସମିତା ମହାନ୍ତି,ଅନ୍ୟତମ ଟ୍ରଷ୍ଟି ତଥା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା,ନିର୍ଦ୍ଦେଶିକା ନନ୍ଦିତା ପଣ୍ଡା, ସୁଶ୍ରୀ ସୁଲଗ୍ନା ମହାନ୍ତି, ଆଲାଇଡ୍ ମେଡିକାଲ ସାଇନ୍ସ ବିଭାଗ ମୁଖ୍ୟ ଡା. ପ୍ରୀତିମୟୀ ବେହେରା, ସଦ୍‌ଗୁରୁ କ୍ୟାନ୍ସର ହସ୍ପିଟାଲର ଡା. ସୌମ୍ୟ ରଞ୍ଜନ ମିଶ୍ର, ରେଡିଓଲୋଜି ବିଭାଗ ମୁଖ୍ୟ ଜୟନାରାୟଣ ମିଶ୍ର ଏବଂ ଅଧ୍ୟକ୍ଷା ଲାଡ୍‌ଲି ଦାଶ ଛାତ୍ରଛାତ୍ରୀଙ୍କୁ ନଗଦ ପୁରସ୍କାର ଓ ସ୍ୱର୍ଣ୍ଣ ପଦକ ପ୍ରଦାନ କରି ସମ୍ମାନିତ କରିଥିଲେ। ଚଳିତ ବର୍ଷର ଉଲ୍ଲେଖନୀୟ ରାଜ୍ୟ ର୍ୟାଙ୍କଧାରୀ ଛାତ୍ରଛାତ୍ରୀମାନେ ହେଲେ ସ୍ମୃତିରେଖା ସ୍ୱାଇଁ ରାଜ୍ୟରେ ପ୍ରଥମ ସ୍ଥାନ (୮୬.୯%) ସୋନାଲି ଦାଶ ରାଜ୍ୟରେ ୧ମ ସ୍ଥାନ (୮୬%) ଦୀପ୍ତିପ୍ରଭା ବେହେରା ରାଜ୍ୟରେ ୩ୟ ସ୍ଥାନ (୮୪%), ମାନସୀ ଦାସ ରାଜ୍ୟରେ ୧ମ ସ୍ଥାନ (୮୩ %), ପ୍ରୀତିମୟୀ ବିଶ୍ୱାଳ ରାଜ୍ୟରେ ୭ମ ସ୍ଥାନ (୭୬%) ମାନସ ରଞ୍ଜନ ବେହେରା ରାଜ୍ୟରେ ୧ମ ସ୍ଥାନ (୯୧%), ରିତୋଶିନୀ ପଟ୍ଟନାୟକ ରାଜ୍ୟରେ ୨ୟ ସ୍ଥାନ (୮୫%) ଲକ୍ଷ୍ମୀପ୍ରିୟା ବଳସାମନ୍ତ ରାଜ୍ୟରେ ୨ୟ ସ୍ଥାନ (୮୫ %), ଦିଗଦର୍ଶନ ନାୟକ, ରାଜ୍ୟରେ ୨ୟ ସ୍ଥାନ (୮୫ %), ସୂର୍ଯ୍ୟସ୍ନାତା ରାଉତ ରାଜ୍ୟରେ ୩ୟ ସ୍ଥାନ, ଭାଗ୍ୟଶ୍ରୀ ନାୟକ ରାଜ୍ୟରେ ୪ର୍ଥ ସ୍ଥାନ (୭୯%), ସତ୍ୟରଞ୍ଜନ ବେହେରା ରାଜ୍ୟରେ ୫ମ ସ୍ଥାନ (୮୩.୮%) ଅଧିକାର କରିଛନ୍ତି। ସେହିପରି ନର୍ସିଂ ବିଭାଗର ଛାତ୍ରୀ ଅଭିପ୍ସା ବେହେରା ଓ ଅର୍ପିତା ପ୍ରିୟଦର୍ଶିନୀ କଲେଜର ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି।

## ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ହୀରା ଅଳଙ୍କାର କଲେକ୍ସନ୍ 'ନୁୱା' ଉନ୍ମୋଚିତ



ଭୁବନେଶ୍ୱର, ୧୯।୬ (ସମିସ): ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ 'ନୁୱା'କୁ ଉନ୍ମୋଚନ କରିଛି, ଯାହା ଏକ ନାଚୁରାଲ ହୀରା ଅଳଙ୍କାର ସଂଗ୍ରହର ଜଟିଳ ଢାଞ୍ଚା, ଗଠନ ଏବଂ ସୂକ୍ଷ୍ମ ବିବରଣୀ ଦ୍ୱାରା ଅନୁପ୍ରାଣିତ। ପ୍ରାକୃତିକ ଦୁନିଆର ଦୃଷ୍ଟିକୋଣ ମାଧ୍ୟମରେ ଆଧୁନିକ ବିଳାସର ଏକ ଉତ୍ସବ ଭାବରେ କଳ୍ପନା କରାଯାଇଛି। ମାଲାବାର ପରିଚାଳନା ଟିମ୍‌ର ଉପସ୍ଥିତିରେ 'ନୁୱା'କଲେକ୍‌ସନ୍‌କୁ ଓଲିଉଡ୍ ଅଭିନେତ୍ରୀ ମିସ୍ ଜସ୍ମିନ୍ ରଥ ଉନ୍ମୋଚନ କରିଥିଲେ। 'ନୁୱା'କୁ ୧୮ କ୍ୟାରେଟ୍ ଏବଂ ୧୪ କ୍ୟାରେଟ୍ ସୁନାରେ ବିଶ୍ୱସ୍ତରୀୟ ସୁସଂସ୍କୃତିର ସ୍ପର୍ଶ ସହିତ ପ୍ରସ୍ତୁତ କରାଯାଇଛି। 'ନୁୱା'ରେ ରଙ୍ଗୀନ ରତ୍ନପଥର, ସିରାମିକ୍ ରଙ୍ଗ ଏନାମେଲିଂ ଏବଂ ମଲ୍ଟି-ଟୋନ୍ ରୋଡିୟମ୍ ଫିନିସ୍ ମାଧ୍ୟମରେ ଉନ୍ନତ ପ୍ରାକୃତିକ ହୀରା ରହିଛି। ମାଲାବାରର 'ନୁୱା' ସଂଗ୍ରହ ଓଡ଼ିଶାର ସମସ୍ତ ଷ୍ଟୋରରେ ଉପଲବ୍ଧ ହେବ। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଦ୍ୱାରା 'ନୁୱା' ର ସଦ୍ୟତମ ସଂସ୍କରଣ, ପ୍ରାକୃତିକ ହୀରା ମାଧ୍ୟମରେ ଆଧୁନିକ ବିଳାସ ପାଳନ କରେ, ପ୍ରକୃତିର ସର୍ବୋତ୍ତମ ସୃଷ୍ଟି ଏବଂ ବିଶ୍ୱ ଡିଜାଇନ୍ ପ୍ରଭାବରୁ ପ୍ରେରଣା ନେଇ। ମାଲାବାର ଗ୍ରୁପ୍ ର ଅଧ୍ୟକ୍ଷ ଏମ୍. ପି. ଅହମ୍ମଦ କହିଛନ୍ତି, ଏହି ସଂଗ୍ରହର ମୂଳରେ ପ୍ୟାଟର୍ଣ୍ଣ ପ୍ଲେ- ଜଟିଳ ଟେକ୍ସଚର୍, ଗଠନ ଏବଂ ବିବରଣୀ ପାଇଁ ପ୍ରଶଂସା ରହିଛି ଯାହା ଆମ ଚାରିପାଖର ବିଶ୍ୱକୁ ନୀରବରେ ଆକାର ଦିଏ।

## ଅଗଷ୍ଟ ୧୯ରୁ ବନ୍ଦହେବ ବରଗଡ଼ ଏସିସି ସିମେଣ୍ଟ କାରଖାନା

ଭୁବନେଶ୍ୱର,୧୯।୬(ସମିସ): ଆସନ୍ତା ଅଗଷ୍ଟ ମାସ ୧୯ରୁ ବନ୍ଦ ହୋଇଯିବ ରାଜ୍ୟର ବରଗଡ଼ ସ୍ଥିତ ଏସିସି ସିମେଣ୍ଟ କାରଖାନା। ଖଣିରୁ ଚୂନ ପଥର ଶେଷ ହେବା, କ୍ଲିଙ୍କର ଉତ୍ପାଦନ ଜନିତ ଅତ୍ୟଧିକ ଖର୍ଚ୍ଚ ଏବଂ ପୁରୁଣା ଓ ଅକାମୀ ପ୍ଲାଣ୍ଟ ଯୋଗୁ କମ୍ପାନୀ ବନ୍ଦ ହେବାକୁ ଯାଉଛି। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ କେନ୍ଦ୍ର ଶ୍ରମ ଏବଂ ନିୟୋଜନ ମନ୍ତ୍ରଣାଳୟକୁ ଚିଠି ଲେଖି ଜଣାଇ ଦିଆଯାଇଛି। ଏହି କମ୍ପାନୀ ବନ୍ଦ ହେବା ଯୋଗୁଁ ୯୨ ଜଣ ଶ୍ରମିକ ଚାକିରୀ ହରାଇବେ। ସମ୍ପୃକ୍ତ ଶ୍ରମିକମାନଙ୍କୁ ନୋଟିସ ବଦଳରେ ମାସର ଦରମା (ଦିନ/ମାସ/ବର୍ଷ) ଏକ ଶିଳ୍ପ ସମ୍ପର୍କ ସଂହିତା, ୨୦୨୦ (୨୦୨୦ର ୩୫)ର ଧାରା ୭୦ (କ)* / ଧାରା ୭୫(୧) ଅନୁଯାୟୀ ଆବଶ୍ୟକ ଅନୁଯାୟୀ ଦିଆଯାଇଛି। ଏହି ବନ୍ଦ ସୂଚନା ଦାଖଲ କରିବାର ଦୁଇ ମାସ ଅବଧି ସମାପ୍ତ ହେବା ପରେ ନୋଟିସ ଅବଧି ବଦଳରେ ଏକ ମାସର ଦରମା ଛଟେଇ କ୍ଷତିପୂରଣ ସହିତ ଏକକାଳୀନ ପ୍ରଦାନ କରାଯିବ। ଏହା ସହିତ ଘୋଷଣା କରାଯାଉଛି ଯେ, ସଂପୃକ୍ତ ଶ୍ରମିକ(ମାନଙ୍କୁ) ଶିଳ୍ପ ସମ୍ପର୍କ ସଂହିତା, ୨୦୨୦(୨୦୨୦ ର ୩୫) ର ଧାରା ୭୦° / ଧାରା ୭୫° ଅନୁଯାୟୀ ନୋଟିସ ଅବଧି ପୂର୍ବରୁ କିମ୍ବା ଶେଷ ହେବା ପରେ ସେମାନଙ୍କର ସମସ୍ତ ପ୍ରାପ୍ୟ କ୍ଷତିପୂରଣ ସହିତ ପ୍ରଦାନ କରାଯାଇଛି / କରାଯିବ - ଦୁଇ ମାସର ଏହି ବନ୍ଦ ସୂଚନା ଅବଧି ସମାପ୍ତ ହେବା ପରେ କ୍ଷତିପୂରଣ ସହିତ ଦେୟ ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

**ଚୂନ ପଥର ଅଭାବ ସହ ଉଚ୍ଚ ଉତ୍ପାଦନ ଖର୍ଚ୍ଚ**

**କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟକୁ ଜଣାଇଲେ କର୍ତ୍ତୃପକ୍ଷ**

## 'ବିଓବି ଗୋଲ୍ଡେନ୍ ଗୋଲ୍ ଡିପୋଜିଟ୍ ସ୍କିମ୍'ର ଶୁଭାରମ୍ଭ

ମୁମ୍ବଇ,୧୯।୬ : ବ୍ୟାଙ୍କ୍ ଅଫ୍ ବରୋଦା ଗ୍ରାହକମାନଙ୍କ ପାଇଁ ଏକ ନୂତନ ବିଶେଷ ଖୁଚୁରା ମିଆଦି ଜମା ଯୋଜନା 'ବିଓବି ଗୋଲ୍ଡେନ୍ ଗୋଲ୍ ଡିପୋଜିଟ୍ ସ୍କିମ୍'ର ଶୁଭାରମ୍ଭ କରିଛି, ଯେଉଁଥିରେ ୫୫୫ ଦିନର ଅବଧି ପାଇଁ ବାର୍ଷିକ ସର୍ବାଧିକ ୭.୪୦% ପର୍ଯ୍ୟନ୍ତ ସୁଧ ହାର ମିଳୁଛି। ଏହି ଯୋଜନାଟି ୩ କୋଟି ଟଙ୍କାରୁ କମ୍ ଖୁଚୁରା ମିଆଦି ଜମା ପାଇଁ ଲାଗୁ ହେବ। ଏହି ନୂତନ ଯୋଜନାଟି ଜମାକାରୀମାନଙ୍କୁ ସୁରକ୍ଷିତ ରିଟର୍ଣ୍ଣ ସହିତ ଏକ ଆକର୍ଷଣୀୟ ନିବେଶର ସୁଯୋଗ ଦେବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ୫୫୫ ଦିନର ଅବଧି ବିଶିଷ୍ଟ ଯୋଜନାରେ ସୁଧ ହାରକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଉଛି କଲେବଲ୍ ଡିପୋଜିଟ୍ (ସମୟ ପୂର୍ବରୁ ଟଙ୍କା ଉଠାଇବା ସୁବିଧା ଥିବା ଜମା), ଯେଉଁଥିରେ ସାଧାରଣ ନାଗରିକ, ଏନଆରଓ ଏବଂ ଏନଆରଇ ଜମାକାରୀଙ୍କ ପାଇଁ ବାର୍ଷିକ ସୁଧ ହାର ୬.୭୫% ରହିଛି; ବାସିନ୍ଦା ବରିଷ୍ଠ ନାଗରିକମାନଙ୍କ ପାଇଁ ବାର୍ଷିକ ୭.୨୫% (୬.୭୫+୦.୫୦) ଏବଂ ବାସିନ୍ଦା ଅତି ବରିଷ୍ଠ ନାଗରିକ (୮୦ ବର୍ଷ ବା ତା'ଠାରୁ ଅଧିକ) ମାନଙ୍କ ପାଇଁ ବାର୍ଷିକ ସୁଧ ହାର ୭.୩୫% (୬.୭୫+୦.୬୦) ରହିଛି। ଦ୍ୱିତୀୟଟି ହେଉଛି ନନ୍-କଲେବଲ୍ ଡିପୋଜିଟ୍ (ସମୟ ପୂର୍ବରୁ ଟଙ୍କା ଉଠାଇବା ସୁବିଧା ନଥିବା ଜମା),ଯେଉଁଥିରେ ସାଧାରଣ ନାଗରିକ, ଏନଆରଓ ଏବଂ ଏନଆରଇ ଜମାକାରୀଙ୍କ ପାଇଁ ବାର୍ଷିକ ୬.୮୦% (୬.୭୫+୦.୦୫) ସୁଧ ମିଳିବ; ବାସିନ୍ଦା ବରିଷ୍ଠ ନାଗରିକମାନଙ୍କ ପାଇଁ ବାର୍ଷିକ ୭.୩୦% (୬.୭୫+୦.୫୦+୦.୦୫) ଏବଂ ବାସିନ୍ଦା ଅତି ବରିଷ୍ଠ ନାଗରିକମାନଙ୍କ ପାଇଁ ଏହି ଯୋଜନାରେ ସର୍ବାଧିକ ବାର୍ଷିକ ୭.୪୦% (୬.୭୫+୦.୬୦+୦.୦୫) ସୁଧ ହାର ପ୍ରଦାନ କରାଯାଉଛି।

**୫୫୫ ଦିନର ଅବଧି ପାଇଁ ବାର୍ଷିକ ସର୍ବାଧିକ ୭.୪୦% ସୁଧହାର**

